# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**10 May – 2024**

## ଅକ୍ଷୟ ତୃତୀୟା/ ଶୀତଳଷଷ୍ଠୀ

ଆଜି ପବିତ୍ର ଅକ୍ଷୟ ତୃତୀୟା । ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟ ତିଥିକୁ ଶୁଭଦିନ ଭାବେ ଗଣନା କରାଯାଇ ଆଜି ଭିନ୍ନ ଭିନ୍ନ ଶୁଭକାର୍ଯ୍ୟର ଆରମ୍ଭ କରାଯାଇଥାଏ । କୃଷିଭିତ୍ତିକ ଏହି ପର୍ବରେ ଚାଷୀମାନେ ଅକ୍ଷିମୁଠି ଅନୁକୂଳ କରିଥାନ୍ତି ।

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ୧୨ଟି ଯାତ୍ରା ମଧ୍ୟରୁ ଅକ୍ଷୟତୃତୀୟାରେ ଆଜିଠାରୁ ବାହାର ଚନ୍ଦନଯାତ୍ରା ଆରମ୍ଭ ହେଉଛି । ଏହି ଯାତ୍ରା ୨୧ ଦିନ ବ୍ୟାପି ପର୍ଯ୍ୟନ୍ତ ଚାଲିବ । ଅକ୍ଷୟ ତୃତୀୟା ତିଥିରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଭୂଦେବୀ, ଶ୍ରୀଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ନରେନ୍ଦ୍ର ପୁଷ୍କରଣୀରେ ଚାପ ଖେଳିବେ। ମହାପ୍ରଭୁଙ୍କର ଶ୍ରୀଗୁଣ୍ଡିଚା ଯାତ୍ରା, ବାହୁଡ଼ାଯାତ୍ରା, ସୁନାବେଶ ଓ ନିଳାଦ୍ରୀବିଜେ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚାଲିଛି । ଆଜିର ପୁଣ୍ୟ ତିଥିରେ ମହାପ୍ରଭୁଙ୍କର ରଥକାଠ ଅନୁକୂଳ ହେବ ।

ସେହିଭଳି ପଶ୍ଚିମ ଓଡ଼ିଶାର ଆଦ୍ୟପର୍ବ ଶୀତଳଷଷ୍ଠୀ ଯାତ୍ରାର ଥାଳ ଉଠା ପର୍ବ ଆଜି ପବିତ୍ର ଅକ୍ଷୟ ତୃତୀୟାରେ ସମ୍ବଲପୁରରେ ଆରମ୍ଭ ହେଉଛି। ମା' ପାର୍ବତୀଙ୍କର  ପିତା ମାତା ଚୟନ ଏବଂ ଶିବଙ୍କର ପିତାମାତାଙ୍କ ସହିତ

ଆଜିର କାର୍ଯ୍ୟକ୍ରମରେ ଥାଳଉଠା ପର୍ବ ହେବ । ଆସନ୍ତା ଏକମାସ ମଧ୍ୟରେ ଦେବଦମ୍ପତିଙ୍କର ବିବାହ କାର୍ଯ୍ୟ ସମ୍ପନ୍ନ ହେବ । ସମ୍ବଲପୁର ଝାଡୁଆପଡ଼ାର ଲୋକନାଥ ବାବା, ନନ୍ଦପଡ଼ାର ବମ୍ ବରାଡ଼ ବାଲୁଙ୍କେଶ୍ୱର ବାବା, ମୋଦିପଡ଼ାର ଯାଗେଶ୍ୱର ବାବାଙ୍କ ସହିତ ଅନ୍ୟ କେତେକ ସ୍ଥାନରେ ଶୀତଳଷଷ୍ଠୀ ଯାତ୍ରାର ଆୟୋଜନ କରାଯାଇଛି ।

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ । ସନ୍ଧ୍ୟାରେ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ଆସି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରଠାରେ ପହଞ୍ଚିବେ । ସେଠାରୁ ଶ୍ରୀ ମୋଦୀ ଦଳୀୟ କାର୍ଯ୍ୟାଳୟକୁ ଯିବାର କାର୍ଯ୍ୟସୂଚୀ ରହିଛି । ମାଷ୍ଟରକ୍ୟାଣ୍ଟିନ୍ ଛକରୁ ବାଣୀବିହାର ପର୍ଯ୍ୟନ୍ତ ଶ୍ରୀ ମୋଦୀ ଏକ ରୋଡ୍ ଶୋ'ରେ ଭାଗ ନେବେ ।

ପ୍ରଧାନମନ୍ତ୍ରୀଙ୍କ ଗସ୍ତର ଦ୍ୱିତୀୟ ଦିନରେ ଆସନ୍ତାକାଲି ଫୁଲବାଣୀ, ବଲାଙ୍ଗୀର ଏବଂ ବରଗଡ଼ରେ ନିର୍ବାଚନୀ ସଭାକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି ।

## ବିଜେଡ଼ି ଇସ୍ତାହାର

ବିଜୁ ଜନତା ଦଳ ପକ୍ଷରୁ ପ୍ରକାଶିତ ନିର୍ବାଚନ ଇସ୍ତାହାରରେ ୨୦୩୪ ମସିହା ସୁଦ୍ଧା ଓଡ଼ିଶା ଦେଶର ଏକନମ୍ବର ରାଜ୍ୟ ହେବ ବୋଲି କୁହାଯାଇଛି । ଦଳ ପକ୍ଷରୁ ଗତକାଲି ପ୍ରକାଶିତ ଇସ୍ତାହାରରେ ବିଭିନ୍ନ

ପ୍ରତିଶ୍ରୁତି ଦିଆଯିବା ସହିତ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ବ୍ୟବହାର କରୁଥିବା ପରିବାର ପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ ବୋଲି ଉଲ୍ଲେଖ ରହିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ଇସ୍ତାହାରକୁ ଗତକାଲି ସାର୍ବଜନିନ କରିଥିଲେ ।

## ସିବିଏସ୍‌ଇ ଫଳ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ-ସିବିଏସ୍‌ଇ ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳ ଚଳିତ ମଇମାସ ୨୦ ତାରିଖ ସୁଦ୍ଧା ପ୍ରକାଶ ପାଇବ ବୋଲି ସିବିଏସ୍‌ଇ ସୂତ୍ରରୁ ଜଣାପଡ଼ିଛି । ପୂର୍ବବର୍ଷ ଭଳି ଚଳିତବର୍ଷ ସିବିଏସ୍‌ଇ ପକ୍ଷରୁ  ମେରିଟ୍ ଲିଷ୍ଟ୍ ପ୍ରକାଶ ପାଇବ ନାହିଁ । ଚଳିତବର୍ଷ ଦେଶରେ ପ୍ରାୟ ୩୯ ଲକ୍ଷରୁ ଊର୍ଦ୍ଧ୍ୱ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ  ପରୀକ୍ଷା ଦେଇଛନ୍ତି ।

## ରତ୍ନଭଣ୍ଡାର

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ମୂଲ୍ୟବାନ ବସ୍ତୁ ଓ ଅଳଙ୍କାରର ଗଣତି ମଣତି ରଥଯାତ୍ରା ସମୟରେ କରାଯିବ ବୋଲି ଗତକାଲି ହୋଇଥିବା ଉଚ୍ଚସ୍ତରୀୟ କମିଟିର ବୈଠକରୁ ଜଣାପଡ଼ିଛି । ଗଣତି ମଣତି ପ୍ରକ୍ରିୟାରେ ନୂତନ ଜ୍ଞାନକୌଶଳ ବ୍ୟବହାର କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ୧୯୭୮ ମସିହା ପରେ ପ୍ରଥମଥର ପାଇଁ ଚଳିତବର୍ଷ ଗଣତି ମଣତି କରାଯିବ ।

## ରୁବେଲା ଭୂତାଣୁ

ରୁବେଲା ଭୂତାଣୁକୁ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ କୁମାର ମହାପାତ୍ର କହିଛନ୍ତି । ଏହି ଭୂତାଣୁର ସଂକ୍ରମଣ ବର୍ତ୍ତମାନ ୧ ବର୍ଷରୁ ୮ ବର୍ଷ ବୟସର ପିଲାଙ୍କ ଭିତରେ ଦେଖାଦେଉଛି । ରାଜ୍ୟରେ ଏପର୍ଯ୍ୟନ୍ତ ୧୮ଟି ନମୂନା ପରୀକ୍ଷଣରୁ ୨ ଜଣ ରୁବେଲା ପଜିଟିଭ୍ ଥିବା ଜଣାପଡ଼ିଛି । ଗର୍ଭବତୀ ମହିଳାଙ୍କ ପ୍ରତି ଏହି ଭୂତାଣୁର ମାରାତ୍ମକ ପ୍ରଭାବ ଥିବାରୁ ସତର୍କ ରହିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ।

## ୟୁଜିସି

ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଛାତ୍ରୀମାନଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ସହିତ ଶିକ୍ଷାନୁଷ୍ଠାନ ଗୁଡ଼ିକର କ୍ୟାମ୍ପସକୁ ସୁରକ୍ଷିତ ରଖିବା ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ-ୟୁଜିସି ପକ୍ଷରୁ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଗୁଡ଼ିକ ପାଇଁ ଏକ ମାର୍ଗଦର୍ଶିକା ଜାରି କରାଯାଇଛି । ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରିବା ସହିତ ଛାତ୍ରୀମାନଙ୍କ ପାଇଁ ସ୍ୱତନ୍ତ୍ର ମହିଳା ସେଲ୍‌ର ବ୍ୟବସ୍ଥା କରିବା ପାଇଁ କୁହାଯାଇଛି ।

# ବିଦ୍ୟୁତ୍ ସେବା

ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ପକ୍ଷରୁ ବରଗଡ଼ ଜିଲ୍ଲାର ଘରୋଇ ଏବଂ କୃଷି ଉପଭୋକ୍ତାଙ୍କ ପାଇଁ ପାଇକମାଳଠାରୁ ଝରାବନ୍ଧ ପର୍ଯ୍ୟନ୍ତ ୩୩ କେ.ଭି. ବିଦ୍ୟୁତ୍ ତାରର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇଛି । ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇଦେବା ଏବଂ ଲୋ-

ଭୋଲ୍‌ଟେଜ୍ ସମସ୍ୟାର ସମାଧାନ ହୋଇପାରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।

## ପ୍ରସାରଣ ସମୟ ପରିବର୍ତ୍ତନ

ଆଗାମୀ ସାଧାରଣ ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଆକାଶବାଣୀ ଜରିଆରେ ସେମାନଙ୍କର ଦଳର ଆଭିମୁଖ୍ୟ ସମ୍ବନ୍ଧରେ ପ୍ରସାରଣ କରାଯାଉଛି। ସେଥିପାଇଁ ଆଜି ମଧ୍ୟାହ୍ନର ଆଞ୍ଚଳିକ ସମ୍ବାଦ ପ୍ରସାରଣର ସମୟରେ ପରିବର୍ତ୍ତନ କରାଯାଇଛି । ଦିନ ୨ଟା ୩୨ ମିନିଟ୍‌ରେ ପ୍ରସାରଣ ହେଉଥିବା ଆଞ୍ଚଳିକ ସମ୍ବାଦ ଅପରାହ୍ନ ୪ଟାରେ ପ୍ରସାରଣ କରାଯିବ ।